# ECHO OF HIS CALL

ECHO OF HIS CALL REACHING NATIONS SINCE 1969
1969 20 2029

## ଆହ୍ୱାନର ପ୍ରତିଧ୍ୱନି

ODIA

*India's National Spiritual Newspaper*

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVII | YEAR OF OUR LORD JESUS CHRIST, 2025 OCTOBER | No.08


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୨୯:୧-୯)

୧ ହେ ବିକ୍ରମୀ-ସନ୍ତାନଗଣ, ସଦାପ୍ରଭୁଙ୍କର କୀର୍ତ୍ତନ କର, ସଦାପ୍ରଭୁଙ୍କର ଗୌରବ ଓ ପରାକ୍ରମ କୀର୍ତ୍ତନ କର ।

୨ ସଦାପ୍ରଭୁଙ୍କ ନାମର ଗୌରବ କୀର୍ତ୍ତନ କର; ପବିତ୍ରତାର ସୌନ୍ଦର୍ଯ୍ୟରେ ସଦାପ୍ରଭୁଙ୍କୁ ପ୍ରଣାମ କର ।

୩ ଜଳରାଶି ଉପରେ ସଦାପ୍ରଭୁଙ୍କର ରବ ଅଛି; ଗୌରବମୟ ପରମେଶ୍ୱର ବଜ୍ରନାଦ କରନ୍ତି, ସଦାପ୍ରଭୁ ଅପାର ଜଳରାଶି ଉପରେ ବିଦ୍ୟମାନ ।

୪ ସଦାପ୍ରଭୁଙ୍କ ରବ ଶକ୍ତିବିଶିଷ୍ଟ; ସଦାପ୍ରଭୁଙ୍କ ରବ ପ୍ରତାପପୂର୍ଣ୍ଣ ।

୫ ସଦାପ୍ରଭୁଙ୍କ ରବ ଏରସ ବୃକ୍ଷମାନ ଭାଙ୍ଗି ପକାଏ; ହଁ, ସଦାପ୍ରଭୁ ଲିବାନୋନ୍‌ର ଏରସ ବୃକ୍ଷସବୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ପକାନ୍ତି ।

୬ ମଧ୍ୟ ସେ ସେମାନଙ୍କୁ ଗୋବତ୍ସ ପରି; ଲିବାନୋନ୍ ଓ ସିରିୟୋନକୁ ଅରଣା ଛୁଆ ପରି ନଚାନ୍ତି ।

୭ ସଦାପ୍ରଭୁଙ୍କ ରବ ଅଗ୍ନିଶିଖା ବିଭକ୍ତ କରେ ।

୮ ସଦାପ୍ରଭୁଙ୍କ ରବ ପ୍ରାନ୍ତରକୁ କମ୍ପିତ କରେ; ସଦାପ୍ରଭୁ କାଦେଶର ପ୍ରାନ୍ତରକୁ କମ୍ପିତ କରନ୍ତି ।

୯ ସଦାପ୍ରଭୁଙ୍କ ରବ ହରିଣୀମାନଙ୍କୁ ପ୍ରସବ କରାଏ ଓ ବନସମୂହକୁ ବିବସ୍ତ୍ର କରେ; ପୁଣି, ତାହାଙ୍କ ମନ୍ଦିରରେ ସମସ୍ତ ବିଷୟ ଗୌରବ, ଗୌରବ ବୋଲି କହନ୍ତି ।

## ଆପଣଙ୍କର ଆଶୀର୍ବାଦପୂର୍ଣ୍ଣ ଭବିଷ୍ୟତ ପାଇଁ ସାତଟି ରହସ୍ୟ !!



**SEVEN SECRETS of your blessed future!!** ଭଉଣୀ ଆଞ୍ଜେଲ୍



ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଅଭିବାଦନ ।

"ଆହ୍ୱାନର ପ୍ରତିଧ୍ୱନି" ମାସିକ ପତ୍ରିକା ମାଧ୍ୟମରେ ପ୍ରତି ମାସ ଆପଣମାନଙ୍କ ସହିତ ସାକ୍ଷାତ୍ କରିବା ଦ୍ୱାରା ମୋତେ ଖୁବ୍ ଆନନ୍ଦ ମିଳେ । ମୁଁ ଆଶା ଓ ବିଶ୍ୱାସ କରୁଛି ଯେ ଆପଣମାନେ ଈଶ୍ୱରଙ୍କ ଅନୁଗ୍ରହରୁ ଭଲରେ ଥିବେ । ଆପଣମାନଙ୍କ ମଧ୍ୟରୁ କେହେ ଜଣ ହୁଏତ ବର୍ତ୍ତମାନ ଆମର ସର୍ବୋତ୍ତମ ପରିସ୍ଥିତିକୁ ଅନୁଭବ କରିପାରୁ ନ ଥିଲେ, ମାତ୍ର ଆପଣ ଯେ ପଢ଼ିବା ପାଇଁ ଏହି ପତ୍ରିକାକୁ ଧରିଛନ୍ତି, ଏହା ବିଶ୍ୱାସର ଏକ ପଦକ୍ଷେପ ଅଟେ । ମନେରଖନ୍ତୁ – ଈଶ୍ୱର ଏ ପର୍ଯ୍ୟନ୍ତ ନିୟନ୍ତ୍ରଣ କରୁଛନ୍ତି । ସେ ଯେ ପର୍ଯ୍ୟନ୍ତ ଏହା ଶେଷ ହେଲା ବୋଲି କହି ନାହାନ୍ତି, ସେ ପର୍ଯ୍ୟନ୍ତ ଏହା ଆଦୌ ଶେଷ ହୁଏ ନାହିଁ ।

ବିଗତ କିଛି ସପ୍ତାହ ଧରି, "ନିଜ ବିଷୟରେ ସତର୍କ ହୁଅ" – ଏହି ବାକ୍ୟଟି ନିରନ୍ତର ମୋ' ହୃଦୟରେ ରହି ଆସିଛି । ମୁଁ ଏହା ଉପରେ ଅଧ୍ୟୟନ ଚିନ୍ତା କରିବା ଆରମ୍ଭ କରିଥିଲି ଓ ମୁଁ ଆପଣମାନଙ୍କୁ ସେହିସବୁ ଚିନ୍ତା ମଧ୍ୟରୁ କିଛି ବିଷୟ ଜଣାଇବାକୁ ଚାହୁଁଅଛି ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)




ଆହ୍ୱାନର ପ୍ରତିଧ୍ୱନିର

ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍, ସାମ୍, ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

★ Please Subscribe and Share ★

ECHO OF HIS CALL REACHING NATIONS SINCE 1969
1969 TO 2029

ECHO OF HIS CALL - (Marching towards 60th year)
Estd. 1969



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...

"... ମୁଁ ତାହାଙ୍କର ପ୍ରଶଂସା କରିବି, ସେ ମୋ' ମୁଖର ପ୍ରସନ୍ନତା ଓ ମୋହର ପରମେଶ୍ୱର ଅଟନ୍ତି" ଗୀତସଂହିତା ୪୨:୧୧



### ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅନିଶ୍ଚିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Dr.Angeline S. Kumari, M.A., M.Sc., M.Ed.
EX MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.org
YOUTUBE CHANNEL
Echo of His Call

ପ୍ରଭୁରେ ପ୍ରିୟ ବନ୍ଧୁଗଣ,

ଆମର ତ୍ରାଣକର୍ତ୍ତା ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ନାମରେ ଆପଣମାନଙ୍କୁ ଅଭିବାଦନ ।

ଏହା ସତ୍ୟ ଅଟେ ଯେ ଈଶ୍ୱର ଆମ ଚରିତ୍ରକୁ ମାର୍ଜିତ କରିବା ପାଇଁ ଓ ତାଙ୍କର ଅତି ନିକଟକୁ ଆକର୍ଷିତ କରିବା ପାଇଁ ଆମକୁ, ପ୍ରାୟ କଷ୍ଟକର ସମୟ ମଧ୍ୟ ଦେଇ ଯିବାକୁ ଦିଅନ୍ତି । ଗୀତସଂହିତା ୪୨ ରେ, ଆମେ ଦେଖୁ ଯେ ଦାଉଦ ଏହିପରି ଏକ ସମୟ ମଧ୍ୟ ଦେଇ ଗତି କରିଥିଲେ । ସେ ଏକ ଭାରୀ ହୃଦୟ ଓ ଶାନ୍ତି ପାଇଁ ସଂଘର୍ଷ କରୁଥିବା ଏକ ପ୍ରାଣ ସହିତ ପର୍ବତରୁ ଉପତ୍ୟକା, ମରୁଭୂମିରୁ ନଦୀତଟ ପର୍ଯ୍ୟନ୍ତ ଏଣେ ତେଣେ ଘୂରି ବୁଲୁଥିଲେ । ତଥାପି ଏହି ସବୁ ମଧ୍ୟରେ, ସେ ଈଶ୍ୱରଙ୍କଠାରେ ଅଧିକ ଗଭୀରଭାବେ ବିଶ୍ୱାସ କରିବା ପାଇଁ ନିଜ ପ୍ରାଣକୁ ଉତ୍ସାହିତ କରିଥିଲେ ?

ଗଭୀର ବିଶ୍ୱାସ ରଖିବାର ଅର୍ଥ ହେଉଛି, ଯନ୍ତ୍ରଣା ମଧ୍ୟରେ ଈଶ୍ୱରଙ୍କର ପ୍ରଶଂସା କରିବା, ବିଶୃଙ୍ଖଳା ମଧ୍ୟରେ ତାଙ୍କୁ ବିଶ୍ୱାସ କରିବା, ସଂଘର୍ଷ ମଧ୍ୟରେ ତାଙ୍କଠାରେ ଆନନ୍ଦ କରିବା ଓ ଅନ୍ଧକାର ରାତ୍ରିରେ ମଧ୍ୟ ତାଙ୍କ ସତ୍ୟକୁ ଧରି ରଖିବା । ଏହା ମୋର ବ୍ୟକ୍ତିଗତ ଅନୁଭୂତି ହୋଇରହିଛି ଓ ପ୍ରଭୁ ଏହା ମାଧ୍ୟମରେ ଆପଣମାନଙ୍କର ଯତ୍ନ ନେବେ ବୋଲି ମୁଁ ବିଶ୍ୱାସ କରୁଛି ।

ଯଦି ଆଶା ମୂଳ ଅଟେ, ତେବେ ପ୍ରଶଂସା ଫଳ ଅଟେ । ପ୍ରଶଂସା ଓ ଉପାସନା ଆମ ବିଶ୍ୱାସର ମୂଳକୁ ଗଭୀର କରେ । ସେଥିପାଇଁ, ଯଦି ଆପଣମାନେ ନୈରାଶ୍ୟର ସମ୍ମୁଖୀନ ହେଉଛନ୍ତି, ତେବେ ନିରୁତ୍ସାହିତ ହୁଅନ୍ତୁ ନାହିଁ – ଆଶା ପରିତ୍ୟାଗ କରନ୍ତୁ ନାହିଁ । ଏହାକୁ ଦୃଢ଼ ଭାବେ ଧରି ରଖନ୍ତୁ ! ସାହସିକ ହୁଅନ୍ତୁ ! ଈଶ୍ୱରଙ୍କଠାରେ ଭରସା ରଖନ୍ତୁ । ଆପଣ ପଚାରି ପାରନ୍ତି, "ମାତ୍ର ମୁଁ କିପରି ଈଶ୍ୱରଙ୍କଠାରେ ଭରସା ରଖିବି ?" ମୋର ଉତ୍ତର ସରଳ ଅଟେ : ଦାଉଦ ଯାହା କରିଥିଲେ, ତାହା କରନ୍ତୁ ।

"ମୁଁ ପୁନର୍ବାର ତାହାଙ୍କର ପ୍ରଶଂସା କରିବି ।" ଅଦ୍ଭୁତରେ ତାହାଙ୍କର ପ୍ରଶଂସା କରନ୍ତୁ । କୃତଜ୍ଞତାର ସହିତ ତାଙ୍କର ପ୍ରଶଂସା କରନ୍ତୁ । ଅତି ଅର୍ଥ ସଙ୍କଟ ମଧ୍ୟରେ ବୁଝି ତାହାଙ୍କର ପ୍ରଶଂସା କରନ୍ତୁ । ସେ ଆପଣମାନଙ୍କୁ ଲଜ୍ଜିତ ହେବାକୁ ଦେବେ ନାହିଁ । ସବୁକିଛି ଉତ୍ତମ ଥିବା ସମୟରେ ଉପାସନା କରିବା ସହଜ ଅଟେ – ତାହା କୃତଜ୍ଞତା । ମାତ୍ର ସବୁକିଛି ଆମ ପ୍ରତିକୂଳରେ ଥିବା ସମୟରେ ତାଙ୍କର ଉପାସନା କରିବା ଆମର ଦୃଢ଼ ଓ ସ୍ଥିର ଭରସାର ଚିହ୍ନ ଅଟେ । ଈଶ୍ୱର ଏହି ପ୍ରକାର ବିଶ୍ୱାସରେ ଆନନ୍ଦ କରନ୍ତି ।

ଏହା ଦାଉଦଙ୍କ ଜୀବନରେ ସତ୍ୟ ଥିଲା । ଈଶ୍ୱର ତାଙ୍କର ଶତ୍ରୁମାନଙ୍କୁ ପରାସ୍ତ କରିଥିଲେ ଓ ସେ ଯାହା କିଛି ହରାଇଥିଲେ, ସେହି ସମସ୍ତ ତାଙ୍କୁ ଫେରାଇ ଦେଇଥିଲେ । ଆୟୁବଙ୍କ ପ୍ରତି ମଧ୍ୟ ସେହିପରି ଘଟିଥିଲା । ଯଦିଓ ଆୟୁବ ସବୁକିଛି ହରାଇ ଦେଇଥିଲେ, ତଥାପି ଶେଷରେ, ଈଶ୍ୱର ତାଙ୍କୁ ଦ୍ୱିଗୁଣ ଆଶୀର୍ବାଦ କରିଥିଲେ । ଧର୍ମଶାସ୍ତ୍ରରେ ଲେଖାଯାଇଛି, "... ସଦାପ୍ରଭୁ ଆୟୁବଙ୍କୁ ଗ୍ରାହ୍ୟ କଲେ" (ଆୟୁବ ୪୨:୯) । ତାମିଲ ଭାଷାରେ ଲେଖାଯାଇଛି, "ସଦାପ୍ରଭୁ ପରମେଶ୍ୱର ଆୟୁବଙ୍କ ମୁଖ ପ୍ରତି ଦୃଷ୍ଟିପାତ କରିଥିଲେ ।" କେତେ ସୁନ୍ଦର ଅନୁଭୂତି । ସେହିପରି ଭାବରେ, ଈଶ୍ୱର ଆପଣଙ୍କର ମଧ୍ୟ ଯତ୍ନ ନେବେ । ତାଙ୍କଠାରେ ଭରସା ରଖନ୍ତୁ ଓ ଆପଣ ତାଙ୍କର ଉତ୍ତମତା ଦେଖିବେ ।

ଈଶ୍ୱର ଆମର ସେବାକାର୍ଯ୍ୟକୁ ପ୍ରଚୁର ଭାବେ ଆଶୀର୍ବାଦ କରୁଛନ୍ତି । ପ୍ରକୃତରେ, "ସଦାପ୍ରଭୁ ମୋହର ପ୍ରତିପାଳକ, ମୋହର ଅଭାବ ହେବ ନାହିଁ" (ଗୀତସଂହିତା ୨୩:୧) । ମୁଁ ଏହା ବିଶ୍ୱାସ କରେ ଯେ ଏହି ମାସ ପ୍ରଭୁ ଆପଣମାନଙ୍କୁ ଓ ମୋତେ ଏପରି ପ୍ରତ୍ୟେକ ଅନୁଗ୍ରହ ସହିତ ଅଭିଷିକ୍ତ କରିବେ ଯାହା ଆମକୁ ସାହସର ସହିତ ଏହା ଘୋଷଣା କରିବା ପାଇଁ ସାମର୍ଥ୍ୟ ଦେବ : ମୁଁ ଅଭାବଗ୍ରସ୍ତମାନଙ୍କ ମଧ୍ୟରେ ରହିବି ନାହିଁ ।

ଦୟାକରି "ଆହ୍ୱାନର ପ୍ରତିଧ୍ୱନି" ସେବାକାର୍ଯ୍ୟ ପାଇଁ ନିରନ୍ତର ପ୍ରାର୍ଥନା କରନ୍ତୁ ଓ ଆମକୁ ଆପଣମାନଙ୍କର ସାମର୍ଥ୍ୟ ଅନୁସାରେ ସାହାଯ୍ୟ ଓ ସହଯୋଗ କରନ୍ତୁ ।

ପ୍ରଭୁ ଆପଣମାନଙ୍କୁ ବହୁଳଭାବରେ ଆଶୀର୍ବାଦ କରନ୍ତୁ ।

ଖ୍ରୀଷ୍ଟ ଯୀଶୁରେ, ଆପଣମାନଙ୍କର ସେବକ,

ପାଳକ ଏସ୍.ସାମ୍.ସେଲ୍ଭାରାଜ E.mail : sam@echoofhiscall.org

Our Ministries: ▢ ECHO OF HIS CALL Monthly Magazines (16 languages) ▢ BIBLECOR - Postal Courses (3 languages) ▢ YouTube Ministry ▢ Online Courses ▢ Theological Correspondence Courses (2 languages) ▢ Church Planting ▢ Nehemiah Bible Colleges ▢ Gospel Printing Press ▢ Great Commission Partners ▢ St. Paul's Matriculation School ▢ Crusades ▢ Community Development

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ବାଇବଲ ଆମକୁ ଠିକ ଠିକ ବିଷୟରେ ସାବଧାନ ହେବା ପାଇଁ ଶିକ୍ଷା ଦେଉଛି । ସାବଧାନ ହେବାର ଅର୍ଥ ହେଉଛି, ନିଜ ନିଜକୁ ସୁରକ୍ଷିତ ରଖିବା, ସତର୍କ ରହିବା ଓ ଆମ ଚତୁପାର୍ଶ୍ୱରେ ଯାହା ଘଟୁଅଛି, ସେଗୁଡ଼ିକ ବିଷୟରେ ସଚେତନ ହେବା । ଆସନ୍ତୁ, ଆମେ ଏପରି କେତେକ କ୍ଷେତ୍ର ପ୍ରତି ଦୃଷ୍ଟିପାତ କରିବା ଯେଉଁଠାରେ ଆମେ ନିଜ ନିଜକୁ ଜଗିବା ଆବଶ୍ୟକ ଅଟେ ।

## ୧. ଆପଣଙ୍କର ହୃଦୟକୁ ଜଗନ୍ତୁ

"ତୁମ୍ଭ ହୃଦୟକୁ ଅତି ଯତ୍ନରେ ରଖ, ଯେହେତୁ ତହିଁରୁ ଜୀବନର ପ୍ରବାହ ଜନ୍ମେ" (ହିତୋପଦେଶ ୪:୨୩) ।

'ହୃଦୟ'ର ହିବ୍ରୁ ଶବ୍ଦ "ଲେବ" ଆମର ଆବେଗ, ଚିନ୍ତା ଓ ଅନୁଭବର ସ୍ଥାନକୁ ସୂଚିତ କରେ । ଏହି ସ୍ଥାନକୁ ହିଁ ଆମେ ଚିନ୍ତା କରୁ, ବିବେଚନା କରୁ ଓ ନିଷ୍ପତ୍ତି ନେଉ । ସେଥିପାଇଁ ବାଇବଲ ହୃଦୟକୁ ଅତି ସାବଧାନତାର ସହିତ ଜଗି ରହିବା ଉପରେ ଗୁରୁତ୍ୱ ଦେଉଅଛି କାରଣ ଆମ ହୃଦୟର ଅବସ୍ଥା ଆମର ସମଗ୍ର ଜୀବନର ଦିଗକୁ ଗଠନ କରେ ।

ଆମେ କିଏ, ତାହାର ସଂଜ୍ଞା ଆମ ହୃଦୟ ନିରୂପଣ କରେ । ଏହା ଆମ ସତ୍ତାର ସର୍ବାଧିକ ଜଟିଳ ଅଙ୍ଗ ଅଟେ – ଏହାକୁ ବୁଝିବା କଷ୍ଟକର ଓ ପ୍ରାୟତଃ, ଆମର ବୋଧର ଅଗମ୍ୟ ଅଟେ । ସେଥିପାଇଁ ଦାଉଦ ପ୍ରାର୍ଥନା କରିଥିଲେ, "ହେ ସଦାପ୍ରଭୁ, ମୋ' ଅନ୍ତଃକରଣର ଅନୁସନ୍ଧାନ କର", କାରଣ ଆମର ହୃଦୟ ଜଟିଳ, ପ୍ରବଞ୍ଚନା ମୂଳକ ଓ ଦ୍ୱନ୍ଦପୂର୍ଣ୍ଣ ହୋଇପାରେ । କେବଳ ସୃଷ୍ଟିକର୍ତ୍ତା ପ୍ରକୃତରେ ଏହାର ଅନୁସନ୍ଧାନ କରିପାରନ୍ତି, ଏହାର ଲୁକ୍କାୟିତ ଦୁଷ୍ଟତାକୁ ପ୍ରକାଶ କରିପାରନ୍ତି ଓ ଏହାକୁ ଶୁଚି କରିପାରନ୍ତି ।

ଈଶ୍ୱର ଯେ କେବଳ ଆମ ହୃଦୟର ପାପକୁ ଦେଖନ୍ତି, ତା' ନୁହେଁ ମାତ୍ର ଏହା ବହନ କରୁଥିବା ଯନ୍ତ୍ରଣା ଓ କ୍ଷତ ଦାଗକୁ ମଧ୍ୟ ଦେଖନ୍ତି । "ହେ ସଦାପ୍ରଭୁ, ମୋତେ ପରୀକ୍ଷା କରି ପ୍ରମାଣ ଦିଅ, ମୋର ମର୍ମ ଓ ଚିତ୍ତ ପରିଷ୍କାର କର" (ଗୀତସଂହିତା ୨୬:୨) । ଆମର ମନୋଭାବ ଓ କାର୍ଯ୍ୟ ସର୍ବଦା ମେଳ ଖାଏ ନାହିଁ । ଯାହା ଆମକୁ ସଠିକ୍ ଓ ପବିତ୍ର ମନେହୁଏ, ତାହା ହୁଏତ ଈଶ୍ୱରଙ୍କ ଦୃଷ୍ଟିରେ ସଂପୂର୍ଣ୍ଣ ଭାବରେ ଭିନ୍ନ ଦିଶିପାରେ, କାରଣ ସଦାପ୍ରଭୁ "ହୃଦୟ ସବୁ ତୌଳନ୍ତି" ।

ଧର୍ମଶାସ୍ତ୍ର ଆମକୁ ସ୍ମରଣ କରାଇ ଦେଉଛି, "ଆମ୍ଭେ ସଦାପ୍ରଭୁ, ପ୍ରତ୍ୟେକ ମନୁଷ୍ୟକୁ ତାହାର ଆଚରଣ ଅନୁସାରେ ତାହାର କର୍ମର ଫଳ ଦେବା ପାଇଁ ଅନ୍ତଃକରଣ ଅନୁସନ୍ଧାନ କରୁ, ଆମ୍ଭେ ମର୍ମ ପରୀକ୍ଷା କରୁ" (ଯିରିମିୟ ୧୭:୧୦) । ସେଥିପାଇଁ ଆମ ହୃଦୟକୁ କେଉଁ ବିଷୟ ପ୍ରଭାବିତ କରେ, ସେହି ବିଷୟରେ ଆମକୁ ସତର୍କ ରହିବାକୁ ହେବ ।

ବାଇବଲ ଆମକୁ କହିଛି, "ତୁମ୍ଭର ହୃଦୟକୁ ଅତି ଯତ୍ନରେ ରଖ, କାରଣ ଏଥିରୁ ଜୀବନର ପ୍ରବାହ ଜନ୍ମେ" (ହିତୋପଦେଶ ୪:୨୩) । ସେହିପରି ଭାବରେ, ହିତୋପଦେଶ ୨୩:୭ ଶିକ୍ଷା ଦେଉଛି, "କାରଣ (ଜଣେ ମନୁଷ୍ୟ) ଯେରୂପ ମନରେ ନିଜେ ଭାବେ, ସେ ସେରୂପ ଅଟେ ।"

ଈଶ୍ୱରଙ୍କ ପ୍ରିୟ ସନ୍ତାନ, ସାମାଜିକ ଗଣ ମାଧ୍ୟମ, ପଢୁଥିବା ପୁସ୍ତକ, ଦେଖୁଥିବା ଚଳଚ୍ଚିତ୍ର, କିମ୍ବା ବନ୍ଧୁମାନଙ୍କ ସହିତ କରୁଥିବା ବାର୍ତ୍ତାଳାପ ମାଧ୍ୟମରେ ଆପଣଙ୍କ ହୃଦୟ ମଧ୍ୟକୁ ଯାହା ପ୍ରବେଶ କରେ, ତା' ବିଷୟରେ ସାବଧାନ ଓ ସତର୍କ ରହନ୍ତୁ । ପ୍ରତ୍ୟେକଟି ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ଅଟେ, କାରଣ ଆପଣଙ୍କ ହୃଦୟ ହିଁ ଶେଷରେ ଆପଣଙ୍କ ଜୀବନର ଗତିପଥ ଗଠନ କରେ ।

## ୨. ମୁଖ ଆଗରେ ପ୍ରହରୀ ରଖନ୍ତୁ

ଯେତେ ବେଳେ ଆମେ ମୁହଁରେ କିଛି କହୁ, ସେତେ ବେଳେ ଜିହ୍ୱା ମଧ୍ୟ ଅନ୍ତର୍ଭୁକ୍ତ ହୁଏ ଓ ଏହା ଏକ ଶକ୍ତିଶାଳୀ ଅସ୍ତ୍ର ଅଟେ ।

"...ଜିହ୍ୱା ମଧ୍ୟ ଗୋଟିଏ କ୍ଷୁଦ୍ର ଅଙ୍ଗ, କିନ୍ତୁ ମହା ଗର୍ବର କଥା କହେ । ଦେଖ, କେଡେ କ୍ଷୁଦ୍ର ଅଗ୍ନି କଣିକା ଦ୍ୱାରା କେଡ଼େ ବଡ଼ ଅରଣ୍ୟରେ ନିଆଁ ଲାଗିଯାଏ । ଜିହ୍ୱା ମଧ୍ୟ ଅଗ୍ନିସ୍ୱରୂପ ... ତାହା ସମସ୍ତ ଶରୀରକୁ ଅଶୁଚି କରେ..." (ଯାକୁବ ୩:୫,୬) ।

ଆମ ମୁଖରୁ ଯାହା ନିର୍ଗତ ହୁଏ, ତାହା ଗୋଟିଏ ବ୍ୟକ୍ତିକୁ ନିର୍ମାଣ କରିପାରେ କିମ୍ବା ଭଗ୍ନ କରିପାରେ । ସେଥିପାଇଁ, ଆମର ବାକ୍ୟର ଶକ୍ତିକୁ ବୁଝିବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ।

ଅନେକ ସମୟରେ, ଆମେ କ୍ରୋଧରେ କଥା କହୁ ଓ ଏହାପରେ ନିଜ ନିଜକୁ କହୁ, "ମୋର କହିବାର ଅର୍ଥ ତାହା ନ ଥିଲା ।" ପ୍ରାୟତଃ, ଆମେ ଯେଉଁ ଲୋକମାନଙ୍କୁ ପ୍ରେମ କରୁ, ସେମାନଙ୍କ ପ୍ରତି ଆମର କ୍ରୋଧ ଓ ଆକ୍ରୋଶ ପ୍ରକାଶ କରି ଭାବୁ ଯେ ସେମାନେ ଏହାକୁ ଗୁରୁତର ଭାବେ ଗ୍ରହଣ କରିବେ ନାହିଁ । ଦୁଃଖର ବିଷୟ, ଏହା ପ୍ରାୟତଃ, କର୍କଶ ଓ ଆଘାତଦାୟକ ବାକ୍ୟ ଭାବରେ ନିର୍ଗତ ହୁଏ ।

ଆମେ କେତେଥର କୌଣସି ଦୁର୍ବଳ ବ୍ୟକ୍ତି ପ୍ରତି ଆମର କ୍ରୋଧ ପ୍ରକାଶ କରିଅଛୁ ?

### ବାଇବଲ ଆମକୁ ସତର୍କ କରିଛି –

"ଯେ ଆପଣା ମୁଖ ଓ ଜିହ୍ୱା ରକ୍ଷା କରଇ, ସେ କ୍ଳେଶରୁ ଆପଣା ପ୍ରାଣ ରକ୍ଷା କରଇ" (ହିତୋପଦେଶ ୨୧:୨୩) । ଗୀତରଚକ ଗୋଟିଏ ସୁନ୍ଦର ପ୍ରାର୍ଥନା ମଧ୍ୟ କରିଥିଲେ, "ହେ ସଦାପ୍ରଭୁ, ମୋ' ମୁଖ ଆଗରେ ପ୍ରହରୀ ନିଯୁକ୍ତ କର, ମୋ' ଓଷ୍ଠାଧରର କବାଟ ରକ୍ଷା କର" (ଗୀତସଂହିତା ୧୪୧:୩) ।

ଏହା ଆମର ମଧ୍ୟ ପ୍ରାର୍ଥନା ହେଉ । ଆସନ୍ତୁ, ଆମ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟ ବିଷୟରେ ମନୋଯୋଗୀ ହେବା ।

## ୩. ନିଜର ପଦକ୍ଷେପ ବିଷୟରେ ସତର୍କ ହୁଅନ୍ତୁ

"... ସାବଧାନରେ ଆପଣା ଚରଣ ରଖ..." (ଉପଦେଶକ ୫:୧) ।

ଆମର ପ୍ରତ୍ୟେକ ପଦକ୍ଷେପ ଆମର ଭାଗ୍ୟକୁ ଗଠନ କରେ । ସେଥିପାଇଁ, ସତର୍କଭାବେ ଚାଲିବା, ଅର୍ଥାତ୍, ଆମେ କେଉଁ ସ୍ଥାନରେ ଆମର ପାଦ ରଖୁଛୁ ଓ କେଉଁ ଦିଗରେ ଅଗ୍ରସର ହେଉଛୁ, ତାହା ପ୍ରତି ସାବଧାନ ହେବା ଏକାନ୍ତ ଆବଶ୍ୟକ ଅଟେ ।

ଆମେ କେଉଁଠାକୁ ଯାଉଛୁ ଓ ଆମ ଯିବାର ଉଦ୍ଦେଶ୍ୟ କ'ଣ, ଏହି ବିଷୟରେ ସତର୍କ ରହିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଆମେ, ପ୍ରାୟତଃ, ଆମର ସାମର୍ଥ୍ୟ ଓ ଦୁର୍ବଳତାଗୁଡ଼ିକୁ ଏତେ ଗୁରୁତ୍ୱ ଦେଇ ନ ଥାଉ ଓ ଏହା ଉପଲବ୍ଧି କରି ନ ଥାଉ ଯେ ଆମର ଗୋଟିଏ ଭୁଲ୍ ପଦକ୍ଷେପ ଆମକୁ ସେହି ସ୍ଥାନକୁ ଦୂରକୁ ନେଇ ଯାଇପାରେ ଯେଉଁଠାରେ ଆମେ





## ଅତି ଜରୁରୀ ବିଜ୍ଞାପନ

ନିକଟ ଭବିଷ୍ୟତ୍‌ରେ "ଆହ୍ୱାନର ପ୍ରତିଧ୍ୱନି"କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ-ମେଲ ଓ ହ୍ୱାଟସ୍‌ଆପ୍ ନମ୍ବର, ପତ୍ର, ଇ-ମେଲ, ଫୋନ୍ କିମ୍ବା ଏସ୍‌ଏମ୍‌ଏସ୍/ ହ୍ୱାଟସ୍‌ଆପ୍ ମେସେଜ୍ ମାଧ୍ୟମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

ଆମର ଠିକଣା :

**ECHO OF HIS CALL,**
**10, Mohammed Abdullah 2nd Street, Chepauk, Chennai-600 005, India**
**Cell: (+91) 98412 71858 / 98410 71858 E.mail: sam@echoofhiscall.org**

ରହୁ ବୋଲି ଈଶ୍ୱର ଇଚ୍ଛା କରନ୍ତି । ବେଳେ ବେଳେ, ଫେରିବାକୁ ବର୍ଷ ବର୍ଷ ସମୟ ଲାଗିପାରେ ଓ ଏଥିପାଇଁ ଆମକୁ ବହୁମୂଲ୍ୟ ସମୟ ଓ ଈଶ୍ୱରଙ୍କ ଆଶୀର୍ବାଦ ହରାଇବାକୁ ପଡ଼େ ।

ଏହି କାରଣରୁ, ଆମର ଯୋଜନାଗୁଡ଼ିକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରିବା ଓ ତାଙ୍କ ଇଚ୍ଛା ସହିତ ସେଗୁଡ଼ିକୁ ମିଳିତ କରାଇବା ବିଜ୍ଞତାର ବିଷୟ ଅଟେ । ହିତୋପଦେଶ ୧୬:୯ ଆମକୁ ସ୍ମରଣ କରାଇ ଦେଉଛି, "ମନୁଷ୍ୟର ମନ ଆପଣା ପଥ ବିଷୟ କଳ୍ପନା କରେ, ମାତ୍ର ସଦାପ୍ରଭୁ ତାହାର ଗତି ନିରୂପଣ କରନ୍ତି ।" ଆମର ଈଶ୍ୱର ଆଲ୍‌ଫା ଓ ଓମେଗା (କ ଓ କ୍ଷ) ଅଟନ୍ତି – ସେ ଆମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ ଜାଣନ୍ତି । ସେ ଆମର ଉଭୟ ସଫଳତା ଓ ବିଫଳତାକୁ ଦେଖନ୍ତି । ଯେତେବେଳେ ଆମେ ତାଙ୍କ ହାତରେ ସବୁକିଛି ସମର୍ପଣ କରୁ, ସେତେବେଳେ ଆମେ ଏହି ଭରସା ପାଉ ଯେ ତାଙ୍କର ଯୋଜନାଗୁଡ଼ିକ ସର୍ବଦା ଉତ୍ତମ ଅଟେ, କାରଣ ସେ ଆମକୁ ଗଭୀର ଭାବେ ପ୍ରେମ କରନ୍ତି । ସେ ଆମ ପାଇଁ ନିଜର ଜୀବନ ଦେଇଥିଲେ, ପୁନର୍ବାର ଉଠିଥିଲେ ଓ ବର୍ତ୍ତମାନ ତାଙ୍କର ସାର୍ବଭୌମତ୍ୱରେ ବିଶ୍ୱାସ କରିବା ପାଇଁ ଆମକୁ ଆହ୍ୱାନ କରୁଛନ୍ତି ।

ଏହା ଆମର ପ୍ରାର୍ଥନା ହେଉ : "ତୁମ୍ଭ ବାକ୍ୟାନୁସାରେ ମୋ' ପାଦଗତି ସଜାଡ଼ ଓ ମୋ' ଉପରେ କୌଣସି ଅଧର୍ମକୁ ରାଜତ୍ୱ କରିବାକୁ ଦିଅ ନାହିଁ" (ଗୀତସଂହିତା ୧୧୯:୧୩୩) । ମୁଁ ମୋର ସମସ୍ତ ଯୁବ ବନ୍ଧୁମାନଙ୍କୁ ଅନୁରୋଧ କରୁଅଛି ଯେ – ଯୌବନକାଳରେ ନିଜ ନିଜର ମାର୍ଗଗୁଡ଼ିକୁ ପ୍ରଭୁଙ୍କ ନିକଟରେ ସମର୍ପଣ କରନ୍ତୁ । ଏଥିପାଇଁ ଆପଣମାନେ କେବେ ହେଲେ ଅନୁଶୋଚନା କରିବେ ନାହିଁ ।

## ୪. ଲୋଭ ବିରୁଦ୍ଧରେ ସତର୍କ ହୁଅନ୍ତୁ

ଉଚ୍ଚାକାଂକ୍ଷା ଓ ଲୋଭ – ମଧ୍ୟରେ ଏକ ପତଳା ରେଖା ଅଛି । ଉଚ୍ଚାକାଂକ୍ଷା ହିତକର ହୋଇପାରେ, ମାତ୍ର ଲୋଭ ଧ୍ୱଂସାତ୍ମକ ଅଟେ । ଯୀଶୁ ନିଜେ ସତର୍କ କରିଥିଲେ, "ସାବଧାନ, ସମସ୍ତ ପ୍ରକାର ଲୋଭରୁ ଆପଣା ଆପଣାକୁ ଦୂରରେ ରଖ" (ଲୂକ ୧୨:୧୫) ।

ଅକ୍ସଫୋର୍ଡ ଅଭିଧାନ ଲୋଭକୁ ଜଣେ ବ୍ୟକ୍ତିର ଆବଶ୍ୟକତାଠାରୁ ଅଧିକ ଧନ, ସଂପତ୍ତି, କିମ୍ବା କ୍ଷମତା ପାଇବାର ଇଚ୍ଛା, କିମ୍ବା ଆବଶ୍ୟକତାଠାରୁ ଅଧିକ ଖାଦ୍ୟ କିମ୍ବା ପାନୀୟ ପାଇଁ ଏକ ତୀବ୍ର ଇଚ୍ଛା ଭାବରେ ସଂଜ୍ଞା ଦେଇଛି । "ଅତ୍ୟଧିକ", "ତୀବ୍ର" ଇଚ୍ଛା– ଶବ୍ଦଗୁଡ଼ିକୁ ଲକ୍ଷ୍ୟ କରନ୍ତୁ, ଏହାର ଅର୍ଥ, ଆବଶ୍ୟକତାଠାରୁ ବହୁ ପରିମାଣରେ ଅଧିକ । ଏହା ହିଁ ଲୋଭକୁ ଉଚ୍ଚାକାଂକ୍ଷାଠାରୁ ପୃଥକ୍ କରେ ।

ବାଇବଲ ଆମକୁ ସନ୍ତୁଷ୍ଟ ରହିବା ପାଇଁ ଶିକ୍ଷା ଦେଉଛି, ଯାହା ଲୋଭୀ ହେବା କିମ୍ବା ସର୍ବଦା ଅଧିକ ଇଚ୍ଛା କରିବାର ବିପରୀତ ଅଟେ । "ଆଚାର ବ୍ୟବହାରରେ ଧନଲୋଭଶୂନ୍ୟ ହୁଅ, ତୁମ୍ଭମାନଙ୍କର ଯାହା କିଛି ଅଛି, ସେଥିରେ ସନ୍ତୁଷ୍ଟ ଥାଅ, କାରଣ ସେ ନିଜେ କହିଅଛନ୍ତି, "ଆମ୍ଭେ ତୁମ୍ଭକୁ କେବେ ହେଁ ଛାଡ଼ିବା ନାହିଁ, ଆମ୍ଭେ ତୁମ୍ଭକୁ କେବେ ହେଁ ପରିତ୍ୟାଗ କରିବା ନାହିଁ" (ଏବ୍ରୀ ୧୩:୫) ।

ଆମର ସନ୍ତୋଷ ଆମେ ଚାହୁଁଥିବା ପ୍ରତ୍ୟେକଟି ବିଷୟ ସଙ୍ଗେ ସଙ୍ଗେ ପାଇବା ଉପରେ ଆଧାରିତ ନୁହେଁ । ବରଂ, ଏହା ସେହି ଈଶ୍ୱରଙ୍କୁ ଜାଣିବା ଦ୍ୱାରା ଆସେ ଯିଏ ସମଗ୍ର ବିଶ୍ୱକୁ ଓ ଏହାର ସମସ୍ତ ଧନକୁ ନିଜ ହସ୍ତରେ ଧରିଛନ୍ତି । ତାଙ୍କ ନିକଟରେ ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ କରିବାର ଓ ଆମର ମଙ୍ଗଳ ନିମନ୍ତେ ସମସ୍ତ ବିଷୟକୁ କାର୍ଯ୍ୟକାରୀ କରିବାର କ୍ଷମତା ଅଛି । ସେ ଆମକୁ କେବେ ହେଲେ ଛାଡ଼ିବେ ନାହିଁ କିମ୍ବା ପରିତ୍ୟାଗ କରିବେ ନାହିଁ ବୋଲି ପ୍ରତିଜ୍ଞା କରିଛନ୍ତି । ସେ ଆମକୁ ଅଧା ରାସ୍ତାରେ ଛାଡ଼ି ଦେବେ ନାହିଁ, ମାତ୍ର ଆମକୁ ଶେଷ ପର୍ଯ୍ୟନ୍ତ ବିଶ୍ୱସ୍ତଭାବେ ଦେଖିବେ – ସେଥିପାଇଁ ଆମେ ତାଙ୍କୁ ସଂପୂର୍ଣ୍ଣ ଭାବରେ ବିଶ୍ୱାସ କରିପାରିବା ।

ଯଦି ଈଶ୍ୱର ତାଙ୍କ ପୁତ୍ରଙ୍କୁ ରକ୍ଷା ନ କରି ଆମକୁ ପାପ ଓ ଅଭିଶାପର ବନ୍ଧନରୁ ମୁକ୍ତ କରିବା ପାଇଁ ତାଙ୍କୁ ପ୍ରେରଣ କରିଥିଲେ, ତେବେ ସେ କ'ଣ ଆମ ଜୀବନ ପାଇଁ ଥିବା ପ୍ରତ୍ୟେକ ଆବଶ୍ୟକତା ଯୋଗାଇବେ ନାହିଁ ? "ଯେ ଆପଣା ପୁତ୍ରଙ୍କୁ ସୁଦ୍ଧା ରକ୍ଷା କଲେ ନାହିଁ, ମାତ୍ର ଆମ୍ଭମାନଙ୍କ ନିମନ୍ତେ ତାହାଙ୍କୁ ସମର୍ପଣ କଲେ, ସେ କିପରି ତାହାଙ୍କ ସହିତ ମଧ୍ୟ ସମସ୍ତ ବିଷୟ ଆମ୍ଭମାନଙ୍କୁ ଅନୁଗ୍ରହରେ ଦାନ ନ କରିବେ ?" (ରୋମୀୟ ୮:୩୨) ।

ପ୍ରିୟ ଭାଇ ଓ ଭଉଣୀମାନେ, ସାହସ ଧରନ୍ତୁ, ସେ ଯିହୋବା ଯିରି – ଆମକୁ ଯୋଗାଇବା ଈଶ୍ୱରଙ୍କ ଅଟନ୍ତି । ସେ ତାଙ୍କ ଗୌରବର ନିଧି ଅନୁସାରେ ଆମର ସମସ୍ତ ଆବଶ୍ୟକତା ଯୋଗାଇବା ପାଇଁ ସମର୍ଥ ଅଟନ୍ତି । ତାଙ୍କୁ ଧରି ରହନ୍ତୁ, ତାଙ୍କଠାରେ ବିଶ୍ୱାସ କରନ୍ତୁ ଓ ସେ ତାଙ୍କ ସ୍ୱର୍ଗୀୟ ପ୍ରଚୁରତା ଦେଇ ଆପଣମାନଙ୍କୁ ଆଶୀର୍ବାଦ କରିବେ ।

ସେଉଁ ଗୋଟିଏ ଅତି ବଡ଼ ବିପଦ ବିଷୟରେ ଆମ ନିଜ ନିଜକୁ ଜାଗ୍ରତ ହେବାକୁ ପଡ଼ିବ, ତା' ହେଉଛି ଅର୍ଥ ପ୍ରେମ । "କାରଣ ଧନଲୋଭ ସମସ୍ତ ଅନିଷ୍ଟର ମୂଳ ଅଟେ..." (୧ ତୀମଥି ୬:୧୦) । ଧର୍ମଶାସ୍ତ୍ର ଆମକୁ ଏହା ମଧ୍ୟ ସ୍ମରଣ କରାଇ ଦେଉଛି, "ଯେଉଁ ଲୋକ ରୂପା ଭଲପାଏ, ସେ ରୂପାରେ ତୃପ୍ତ ହେବ ନାହିଁ, କିଅବା ଯେଉଁ ଲୋକ ପ୍ରଚୁରତା ଭଲପାଏ, ସେ ଆୟ ବୃଦ୍ଧିରେ ତୃପ୍ତ ହେବ ନାହିଁ..." (ଉପଦେଶକ ୫:୧୦) । ଧନ ଉପରେ ଯାହାର ମନ ଥିବ, ସେ ପ୍ରକୃତରେ ସନ୍ତୁଷ୍ଟ ହେବ ନାହିଁ ।

ଦୟା କରି ବୁଝନ୍ତୁ – ଧନ କୌଣସି ସମସ୍ୟା ନୁହେଁ । ଆମେ ବଞ୍ଚିବା ପାଇଁ, କଠିନ ପରିଶ୍ରମ କରିବା ପାଇଁ ଓ ଆମ ପରିବାରର ଆବଶ୍ୟକତା ପୂରଣ ପାଇଁ ଅର୍ଥ ଆବଶ୍ୟକ କରୁ । ମାତ୍ର ଯେତେବେଳେ ଧନ ଅନ୍ୱେଷଣ ବିନିମୟରେ ଆମକୁ ଆମର ଆତ୍ମିକ ଜୀବନ, ଆମର ପରିବାର କିମ୍ବା ଈଶ୍ୱରଙ୍କ ରାଜ୍ୟ ପ୍ରତି ପ୍ରତିବଦ୍ଧତାକୁ ପରିଶୋଧ କରିବାକୁ ପଡ଼େ, ସେତେବେଳେ ଏହା ବିପଜ୍ଜନକ ହୋଇଯାଏ । ଯଦି ଗୋଟିଏ ଚାକିରୀ ଯୋଗୁ ଆପଣଙ୍କୁ ଈଶ୍ୱରଙ୍କ ସହିତ ସମୟ କ୍ଷେପଣକୁ ତ୍ୟାଗ କରିବାକୁ ପଡ଼େ, ସହଭାଗିତାକୁ ଅବହେଳା କରିବାକୁ ହୁଏ କିମ୍ବା ତାଙ୍କ ସହିତ ଆପଣଙ୍କର ଗମନାଗମନ ସଙ୍ଗେ ବୁଝାମଣା କରିବାକୁ ପଡ଼େ, ତେବେ ସେହି ଚାକିରୀକୁ ପ୍ରାର୍ଥନା ପୂର୍ବକ ପୁନର୍ବିଚାର କରନ୍ତୁ ।

## ୫. ଆପଣମାନଙ୍କ ନିକଟରେ ଯାହା ସମର୍ପିତ ହୋଇଅଛି ତାକୁ ଜଗି ରହନ୍ତୁ ।

"ହେ ତୀମଥି, ତୁମ୍ଭଠାରେ ଯାହା ସମର୍ପିତ ହୋଇଅଛି, ତାହା ରକ୍ଷା କର..." (୧ ତୀମଥି ୬:୨୦) ।

ଈଶ୍ୱର ଆପଣଙ୍କ ହସ୍ତରେ ନ୍ୟସ୍ତ କରିଥିବା ବିଷୟଗୁଡ଼ିକ ସମ୍ବନ୍ଧରେ ଚିନ୍ତା କରନ୍ତୁ ! ସେଗୁଡ଼ିକୁ ବାହାର ପ୍ରଭାବରୁ ସୁରକ୍ଷିତ ରଖିବା ବିଷୟରେ ସତର୍କ ହୁଅନ୍ତୁ । ଏହା ଆପଣଙ୍କର ପରିବାର, ଆପଣଙ୍କର କାର୍ଯ୍ୟ, ଆପଣଙ୍କ ଅର୍ଥ, ଆପଣଙ୍କର ଆହ୍ୱାନ, ଆପଣଙ୍କର ଅଭିଷେକ, କିମ୍ବା ଆପଣଙ୍କର ସେବାକାର୍ଯ୍ୟ ହୋଇପାରେ – ଆପଣଙ୍କର ପ୍ରାଣ ବିନିମୟରେ ସେଗୁଡ଼ିକୁ ଜଗି ରହନ୍ତୁ ।

ଆମେ ସେହି ଦାସ ଭଳି ହେବା ନାହିଁ ଯିଏ ଗୋଟିଏ 'ତାଳନ୍ତ' (ରୂପା)କୁ ଲୁଚାଇ ରଖିଥିଲା । ଈଶ୍ୱର ଏହା ଇଚ୍ଛା କରନ୍ତି ଯେ ଯାହା ସେ ଆମ ହାତରେ ଦେଇଛନ୍ତି, ତାହାକୁ ଆମେ ଯେପରି ବହୁଗୁଣିତ କରିବୁ । ଯାହା କିଛି ଆପଣଙ୍କ ହସ୍ତରେ ଅଛି, ତାକୁ ସୁରକ୍ଷିତ ରଖନ୍ତୁ ଓ ତାହାକୁ ବିଶ୍ୱସ୍ତ ଭାବରେ ବ୍ୟବହାର କରନ୍ତୁ । ତତ୍ ସଙ୍ଗେ ସଙ୍ଗେ, ଈଶ୍ୱର ଆପଣଙ୍କ ହସ୍ତରେ ଯାହା ନ୍ୟସ୍ତ କରିଛନ୍ତି, ତାହା ଅନ୍ୟମାନଙ୍କୁ ହସ୍ତାନ୍ତର କରନ୍ତୁ । ଧର୍ମଶାସ୍ତ୍ରରେ ଲେଖାଅଛି, "... ଯେଉଁମାନେ ଅନ୍ୟମାନଙ୍କୁ ମଧ୍ୟ ଶିକ୍ଷା ଦେବାକୁ ସମର୍ଥ, ଏପରି ବିଶ୍ୱସ୍ତ ଲୋକମାନଙ୍କ ନିକଟରେ ଅର୍ପଣ କର" (୨ ତୀମଥି ୨:୨) ।

ପ୍ରିୟ ବନ୍ଧୁମାନେ, ଈଶ୍ୱର ଆମ ନିମନ୍ତେ ଯାହା କରିଛନ୍ତି, ସେହିସବୁ ଅନ୍ୟମାନଙ୍କୁ, ଅର୍ଥାତ୍, ଆମର ପିଲାମାନଙ୍କୁ, ପରବର୍ତ୍ତୀ ପିଢ଼ିକୁ ଓ ଆମ ଚତୁପାର୍ଶ୍ୱସ୍ଥ ଲୋକଙ୍କୁ ଶିକ୍ଷା ଦେବା ପାଇଁ ଆମକୁ ଆହ୍ୱାନ କରାଯାଇଛି । ପଛରେ ଗୋଟିଏ ଐତିହ୍ୟ ଛାଡ଼ି ଯାଆନ୍ତୁ – ଯାହା ତାଙ୍କୁ ଗୌରବାନ୍ୱିତ କରିବା ପାଇଁ ଅବ୍ୟାହତ ରହିବ ।

## ୬. ଉତ୍ତମ ଭାବେ ସଂପୂର୍ଣ୍ଣ କରିବା ପାଇଁ ନିଜର ଗମନାଗମନ ବିଷୟରେ ସତର୍କ ରହନ୍ତୁ ଓ ପୁରସ୍କାର ଗ୍ରହଣ କରନ୍ତୁ ।

ଅନେକ ଲୋକ ଭଲ ଭାବରେ ଆରମ୍ଭ କରନ୍ତି ମାତ୍ର ପଥ ମଧ୍ୟରେ କୌଣସି ଗୋଟିଏ ସ୍ଥାନରେ ପଥ ଭ୍ରଷ୍ଟ ହୋଇଯାଆନ୍ତି । ସୁସଂଗତି ଦୌଡ଼ ସଂପୂର୍ଣ୍ଣ କରିବାର ଉପାୟ ଅଟେ । ବାଇବଲ ପଢ଼ିବା କିମ୍ବା ପ୍ରାର୍ଥନା କରିବା କିମ୍ବା ସେବା କରିବା କିମ୍ବା ସତ୍କର୍ମ କରିବା – ଯାହା କିଛି କାର୍ଯ୍ୟ ହେଉ, ଦିନ ପ୍ରତିଦିନ ବିଶ୍ୱସ୍ତ ରହିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଏଇ ନିକଟରେ, ମୁଁ ଏପରି ଜଣେ ଯୁବକଙ୍କୁ ସାକ୍ଷାତ୍ କଲି ଯିଏ ମୋତେ ଖ୍ରୀଷ୍ଟଙ୍କ ସହିତ ତାଙ୍କର ଗମନା ଗମନକୁ ଭଲ ପାଆନ୍ତି, ମାତ୍ର ଭାରସାମ୍ୟ ରକ୍ଷା କରିବା ପାଇଁ ସଂଘର୍ଷ କରନ୍ତି ବୋଲି

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1965

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ଉତ୍ସାହିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୫ ଅକ୍ଟୋବର ୧୯ ରୁ ୨୦୨୫ ନଭେମ୍ବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ଅକ୍ଟୋବର ୧୯ ⇨ ଯେଉଁମାନେ ସମଗ୍ର ବିଶ୍ୱରେ ବାଇବଲ ଓ ଖ୍ରୀଷ୍ଟିଆନ ପତ୍ରିକା ଛାପିବା କାର୍ଯ୍ୟରେ ଜଡ଼ିତ ଅଛନ୍ତି, ସେମାନଙ୍କ ନିମନ୍ତେ ।

ଅକ୍ଟୋବର ୨୦ ⇨ ଆମର ସହଯୋଗୀ ସଂପାଦକ ଓ ସେମାନଙ୍କର ସହକର୍ମୀମାନଙ୍କୁ ସୁରକ୍ଷା ଦେଇଥିବାରୁ ।

ଅକ୍ଟୋବର ୨୧ ⇨ ବିଭିନ୍ନ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପ୍ରସାର କରିବା ପାଇଁ ଆମର ବରିଷ୍ଠ ପାଳକଙ୍କର ପ୍ରତିବଦ୍ଧତା ନିମନ୍ତେ ।

ଅକ୍ଟୋବର ୨୨ ⇨ ଆମେ ଅନ୍ୟ ସେବାକାର୍ଯ୍ୟଗୁଡ଼ିକୁ ସହାୟତା ଦେଇପାରୁଥିବାରୁ ।

ଅକ୍ଟୋବର ୨୩ ⇨ ଆମର ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

ଅକ୍ଟୋବର ୨୪ ⇨ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲଠାରେ ସଣ୍ଡେସ୍କୁଲ ପିଲାମାନଙ୍କର କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ନୂତନ ଛାତ୍ରମାନଙ୍କ ନିମନ୍ତେ ।

ଅକ୍ଟୋବର ୨୫ ⇨ ଆମର ବାଇବଲ କରେସ୍ପଣ୍ଡେନ୍ସ ପାଠ୍ୟକ୍ରମ ଓ ଥିଓଲୋଜିକାଲ କରେସପଣ୍ଡେସ ପାଠ୍ୟକ୍ରମର ଅଭିବୃଦ୍ଧି ନିମନ୍ତେ ।

ଅକ୍ଟୋବର ୨୬ ⇨ ଆମକୁ ସହାୟତା ପ୍ରଦାନ କରି ଆମ ସେବାକାର୍ଯ୍ୟରେ ଅନ୍ତର୍ଭୁକ୍ତ ହୋଇଥିବା ଲୋକମାନଙ୍କ ନିମନ୍ତେ ।

ଅକ୍ଟୋବର ୨୭ ⇨ ଆମର ପ୍ରାର୍ଥନା ସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀ ଓ ସେମାନଙ୍କର ପରିବାରଗୁଡ଼ିକ ଉପରେ ଦୟା କରିଥିବାରୁ ।

ଅକ୍ଟୋବର ୨୮ ⇨ ନିହିମିୟା ବାଇବଲ କଲେଜର ସୁପରିଚାଳନାରେ ତାଙ୍କର ଦୟା ନିମନ୍ତେ ।

ଅକ୍ଟୋବର ୨୯ ⇨ ଆମର ମୁଖ୍ୟ ମଣ୍ଡଳୀରେ ଯୁବ ସେବାକାର୍ଯ୍ୟର ଅଭିବୃଦ୍ଧି ନିମନ୍ତେ ।

ଅକ୍ଟୋବର ୩୦ ⇨ ଆମର ମିଶନେରୀ ଓ ସେମାନଙ୍କର ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

ଅକ୍ଟୋବର ୩୧ ⇨ ଆମର ମୁଖ୍ୟ ମଣ୍ଡଳୀରେ ପୁରୁଷମାନଙ୍କର ସଭା ଉପରେ ଈଶ୍ୱର ଆଶୀର୍ବାଦ କରିଥିବାରୁ ।

ନଭେମ୍ବର ୧ ⇨ ଗତମାସ ଆମର ସମସ୍ତ ଅର୍ଥନୈତିକ ଓ ଆତ୍ମିକ ଆବଶ୍ୟକତା ପୂରଣ କରିଥିବାରୁ ।

ନଭେମ୍ବର ୨ ⇨ ଆମର ଛାପାଖାନାର ନିରବଚ୍ଛିନ୍ନ କାର୍ଯ୍ୟ ଏହାର କର୍ମଚାରୀମାନଙ୍କର ସମର୍ପଣ ନିମନ୍ତେ ।

ନଭେମ୍ବର ୩ ⇨ ଆମର ସମସ୍ତ ସେବାକାର୍ଯ୍ୟରେ ଈଶ୍ୱର ଚାଳନା ଦେଇଥିବାରୁ ।

## ଦୟାକରି ପ୍ରାର୍ଥନା କରନ୍ତୁ

ନଭେମ୍ବର ୪ ⇨ ଆମର ଆବାସିକ ଓ ସାନ୍ଧ୍ୟ ନିହିମିୟା ବାଇବଲ କଲେଜର ଛାତ୍ରମାନଙ୍କର ଶୃଙ୍ଖଳା ଓ ସମର୍ପଣ ନିମନ୍ତେ ।

ନଭେମ୍ବର ୫ ⇨ ସମସ୍ତ ଦେଶ ମଧ୍ୟରେ ଏକତା ଓ ଶାନ୍ତି ନିମନ୍ତେ ।

ନଭେମ୍ବର ୬ ⇨ ମୁଖ୍ୟ ଉପାସନାଳୟ ଓ ଏହାର ଶାଖା ମଣ୍ଡଳୀଗୁଡ଼ିକରେ ଥିବା "ଆହ୍ୱାନର ପ୍ରତିଧ୍ୱନି" ବିଶ୍ୱାସୀ ଓ ସେମାନଙ୍କ ପରିବାରଗୁଡ଼ିକର ମଙ୍ଗଳ ନିମନ୍ତେ ।

ନଭେମ୍ବର ୭ ⇨ ନିଶାଦ୍ରବ୍ୟର ଫାନ୍ଦରୁ ପିଲା ଓ ଯୁବାମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ।

ନଭେମ୍ବର ୮ ⇨ ଆମର ସହଯୋଗୀ ସଂପାଦକ ଓ ସେମାନଙ୍କ
⇨ ପରିବାରର ସ୍ୱାସ୍ଥ୍ୟ ଓ ସୁରକ୍ଷା ନିମନ୍ତେ ।

ନଭେମ୍ବର ୯ ⇨ ସମଗ୍ର ପୃଥିବୀରେ ଶିଶୁ ଚାଲାଣ ଯେପରି ଦୂର ହେବ ।

ନଭେମ୍ବର ୧୦ ⇨ ସମସ୍ତ ଖ୍ରୀଷ୍ଟିଆନ ସେବାକାର୍ଯ୍ୟରେ ଶକ୍ତିଶାଳୀ ଆଶ୍ଚର୍ଯ୍ୟକର୍ମ ଓ ଅଦ୍ଭୁତ ଚିହ୍ନ ସାଧନ ନିମନ୍ତେ ।

ନଭେମ୍ବର ୧୧ ⇨ ଆମର ସାଥୀଗଣ, ରାଜ୍ୟ ସଂଯୋଜକ ଓ ସେମାନଙ୍କର ପରିବାରଗୁଡ଼ିକ ନିମନ୍ତେ ।

ନଭେମ୍ବର ୧୨ ⇨ ପୃଥିବୀର ଅନେକ ଅଞ୍ଚଳରେ ଥିବା ଅର୍ଥ ସଙ୍କଟ ଦୂର କରିବା ନିମନ୍ତେ ।

ନଭେମ୍ବର ୧୩ ⇨ ପୃଥିବୀରେ ତାଙ୍କ ରାଜ୍ୟ ନିର୍ମାଣ ପାଇଁ ଏକ ସ୍ଥିର ଦର୍ଶନ ନିମନ୍ତେ ।

ନଭେମ୍ବର ୧୪ ⇨ ବଞ୍ଚିତ ଓ ଦଳିତ ସମାଜର ଅର୍ଥନୈତିକ ଉନ୍ନତି ନିମନ୍ତେ ।

ନଭେମ୍ବର ୧୫ ⇨ ସମଗ୍ର ପୃଥିବୀର ମିଶନେରୀମାନଙ୍କୁ ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ନଭେମ୍ବର ୧୬ ⇨ ପ୍ରତ୍ୟେକ ଦେଶ ଯେପରି ଈଶ୍ୱର ଭୟାଳୁ ନେତାମାନଙ୍କ ଦ୍ୱାରା ପରିଚାଳିତ ହେବ ।

ନଭେମ୍ବର ୧୭ ⇨ ଆମ ସେବାକାର୍ଯ୍ୟ ସହିତ ସଂପୃକ୍ତ ଦରମା, ଛାପାଖାନା ପାଇଁ ସାମଗ୍ରୀ, ଡାକ ଖର୍ଚ୍ଚ ଓ ପରିବହନ ଭଳି ଆର୍ଥିକ ଆବଶ୍ୟକତାଗୁଡ଼ିକୁ ଯୋଗାଇ ଦେବା ନିମନ୍ତେ ।

ନଭେମ୍ବର ୧୮ ⇨ ସମସ୍ତ ବିଶ୍ୱାସୀଙ୍କ ହୃଦୟରେ ଜ୍ଞାନାଲୋକ ଆଣିବା ନିମନ୍ତେ ।

# SPECIAL EVENTS!

## କୃତିତ୍ୱ ପୁରସ୍କାର !

କୃତିତ୍ୱ ପୁରସ୍କାର ୨୦୨୫ ଏପ୍ରିଲ ୨୭ରେ, ଆମର ସହକର୍ମୀ, ଭଉଣୀ ନାଗଜୋଥି, ସମ୍ମାନନୀୟ ବିଚାରପତି ଆସ୍ତେସ୍ ଓ ଭଉଣୀ ସି.ମେରୀ ମଗ୍ଦଲିନୀଙ୍କୁ ସେମାନଙ୍କର ବିଶ୍ୱସ୍ତତା, କଠିନ ପରିଶ୍ରମ ଓ ସେମାନଙ୍କ ନିଜସ୍ୱ କ୍ଷେତ୍ରରେ ଓ ବୃତ୍ତିରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଦାନ କରାଯାଇଥିଲା ।

## ସେବାକାର୍ଯ୍ୟରେ ସମ୍ମାନନୀୟ ଡକ୍ଟରେଟ ଉପାଧି ପ୍ରଦାନ

୨୦୨୫ ଅଗଷ୍ଟ ୧୦ ତାରିଖରେ, ବରିଷ୍ଠ ଓକିଲ, ଏନ୍.ବାଲାଜୀ, ରେଭ୍.ମୋଥୁସ୍ ଭିନୋଥ୍ ଓ ଭଉଣୀ ଆଞ୍ଜେଲାଇନ ସେଲ୍ଭାକୁମାରୀ ହେନ୍ରୀଙ୍କୁ ସେବାକାର୍ଯ୍ୟରେ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିଲା । ଏହି ପୁରସ୍କାର 'ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ' ମାଧ୍ୟମରେ ଈଶ୍ୱରଙ୍କ ସେବା ପାଇଁ ସେମାନଙ୍କର ଆନ୍ତରିକତା, ବିଶ୍ୱସ୍ତତା ଓ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ଦିଆଯାଇଥିଲା ।







ବରିଷ୍ଠ ଓକିଲ ଏନ୍, ବାଲାଜୀ
ରେଭ.ଏମ୍.ମୋଥୁସ୍ ଭିନୋଥ୍ ଓ
ଭଉଣୀ ଆଞ୍ଜେଲାଇନ୍ ସେଲ୍ଭାକୁମାରୀ ହେନ୍ରୀ
ସେବାକାର୍ଯ୍ୟରେ ଡକ୍ଟରେଟ ଉପାଧି ଗ୍ରହଣ କରୁଛନ୍ତି ।

## ଆହ୍ୱାନର ପ୍ରତିଧ୍ୱନିର ୫୭ତମ ବାର୍ଷିକୀ

୨୦୨୫ ଅଗଷ୍ଟ ୧୦ରେ, ଆମର ମୁଖ୍ୟ ଉପାସନାଳୟଠାରେ ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ''ର ୫୭ତମ ବାର୍ଷିକୀ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲା । ରେଭ.ଷ୍ଟିଫେନ ଦେବକୁମାର ଓ ରେଭ. ଡ. କେ. ଡି. ଚାର୍ଲସ ବିଶେଷ ଅତିଥି ବକ୍ତା ଥିଲେ । ସମାବେଶରେ ଈଶ୍ୱରଙ୍କ ନାମ ଗୌରବାନ୍ୱିତ ହୋଇଥିଲା ।





ରେଭ.ଡ.ଷ୍ଟିଫେନ ଦେବକୁମାର
ଓ ରେଭ.ଡ.କେ.ଡି.ଚାର୍ଲସ
—ବିଶେଷ ବକ୍ତା

## ପିଲାମାନଙ୍କର ଉତ୍ସର୍ଗୀକରଣ

ପିଲାମାନଙ୍କର ଉତ୍ସର୍ଗୀକରଣ ଉପାସନା ଭାଇ ମୋହନ ଓ ଭଉଣୀ ରାହେଲଙ୍କର ପୁତ୍ର ଯାବେଜ୍ ଜୀବନ ଓ ଭାଇ.ସିମସନ୍ ଓ ଭଉଣୀ ଏଷ୍ଟରଙ୍କ ପୁତ୍ର ବେନେଡିକ୍ ପାଇଁ ଅନୁଷ୍ଠିତ ହୋଇଥିଲା ।



ଯାବେଜ୍ ଜୀବନ, ଭାଇ ମୋହନ ଓ ଭଉଣୀ ରାହେଲଙ୍କ ପୁତ୍ର



ବେନେଡିକ୍, ଭାଇ ସିମ୍ସନ୍ ଓ ଭଉଣୀ ଏଷ୍ଟରଙ୍କ ପୁତ୍ର

## ଥିଓଲୋଜିରେ ଡିପ୍ଲୋମା ଓ ସ୍ନାତକ ପାଠ୍ୟକ୍ରମ

ଥିଓଲୋଜିରେ ଡିପ୍ଲୋମା (Dip-Th) ଓ ଥିଓଲୋଜିରେ ସ୍ନାତକ (B.Th) ପାଠ୍ୟକ୍ରମଗୁଡ଼ିକୁ ଛାତ୍ରମାନଙ୍କୁ ସଫଳ ସେବାକାର୍ଯ୍ୟ ପାଇଁ ପ୍ରସ୍ତୁତ ଓ ସମର୍ଥ କରିବା ନିମନ୍ତେ ଚେପକ୍ ଓ ସନ୍ତୋଷପୁରମଠାରେ ଥିବା ନିହିମିୟା ବାଇବଲ କଲେଜଗୁଡ଼ିକରେ ଆରମ୍ଭ କରାଯାଇଛି ।



ଚେପକ୍‌ଠାରେ ନିହିମିୟା ବାଇବଲ କଲେଜର ଛାତ୍ରମାନେ



ସନ୍ତୋଷପୁରମଠାରେ ନିହିମିୟା ବାଇବଲ କଲେଜର ଛାତ୍ରମାନେ

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
ଯୋଗ୍ୟତା : ୧୦ମ ଓ ତଦୂର୍ଦ୍ଧ୍ୱ
Chepauk & Santhoshapuram, Velachery Chennai.
ଥିଓଲୋଜିରେ ଡିପ୍ଲୋମା & Bachelor of Theology
ମାଧ୍ୟମ - ହିନ୍ଦୀ (Residential) Sponsorship Available
ମାଧ୍ୟମ - ତାମିଲ (Part Time)
ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ ।
ବିଗତ ୫୭ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗାଯୋଗ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
* ONLINE CLASSES ARE AVAILABLE *

## MAIN CHURCH PROGRAMMES

1. Prayer Service : 24 hours
2. **ECHO OF HIS CALL** - Monthly Magazines :English, Tamil, Malayalam, Telugu, Hindi, Kannada, Marathi, Gujarati, Bengali, Odiya, Nepali, Assamese, Punjabi, Urdu, Sinhala & Afrikan.
3. **BIBLECOR -** Basic Bible Courses (English, Tamil & Hindi)
4. Theological Correspondence Courses: English & Tamil
5. Nehemiah Bible Colleges (Chepauk, Santhoshapuram & Velachery)
6. Branch Churches: Santhoshapuram, Balaji Nagar & Velachery
7. Great Commission Partners (Network of Pastors)
8. Training Programmes – Seminars & Retreats
9. Crusades
10. Literature Distribution and Follow Up
11. Gospel Printing Press - Publications
12. St. Paul's Matriculation School - Village English High School
13. Sunday Schools (Chepauk) : 10.30 a.m. Sunday & (Velachery, Balaji Nagar & Santhoshapuram) 3.00 p.m. Sunday
14. **Early Morning Service : 5.30 a.m. Sunday**
15. **Preliminary Service : 8.00 a.m. Sunday**
16. **Tamil Service : 8.30 a.m. Sunday**
17. **Youth Meeting : 11.00 a.m. Sunday**
18. **Fellowship Lunch : 1.00 p.m. Sunday**
19. **Telugu Service : 4.00 p.m. Sunday**
20. **Hindi Service : 5.00 p.m. Sunday**
21. **Tamil & English Service : 6.00 p.m. Sunday**
22. Feedback Time : 7.30 p.m. Sunday
23. Women's Prayer : 5.30 p.m. Wednesday
24. Men's Prayer : 7.30 p.m. Friday
25. Discipleship Meeting : 6.00 p.m. Saturday
26. House Meetings : 6.30 p.m. Tuesday & Thursday
27. Special Holy Communion : 6.00 a.m. 1st day of each month
28. Ministers' Meeting : 5.30 p.m. First Saturday
29. Parents' Prayer : 4.00 p.m. First Sunday
30. Night Prayer : 9.30 p.m. Third Friday
31. Fasting Prayer : 9:30 a.m. Second Saturday
32. Holy Communion : Second Sunday Service
33. Youth / Kid Prayer : 10.00 p.m. daily (over phone)
34. Staff Devotion : 9.00 a.m. daily
35. Office : 9.00 a.m. to 9.00 p.m. (except Sundays)

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ମୋତେ କହିଥିଲେ । ବିଗତ ଦିନେ ସେ ଈଶ୍ୱରଙ୍କର ଏତେ ନିକଟତା ଅନୁଭବ କରନ୍ତି ଯେ ସେ ଘଣ୍ଟା ଘଣ୍ଟା ଧରି ବାଇବଲ ପଠନ, ପ୍ରାର୍ଥନା, ଉପାସନା ଓ ଉପାସନା ଗୀତ ଶୁଣିବାରେ ଅନେକ ସମୟ କାଟି ଦିଅନ୍ତି । ମାତ୍ର ଅନ୍ୟ ଦିନ ଗୁଡ଼ିକରେ, ତାଙ୍କ ମନ ଏତେ ଅବସାଦଗ୍ରସ୍ତ ଥାଏ ଯେ ସେ ବାଇବଲ ଖୋଲିବାକୁ କିମ୍ବା ଏହା ବିଷୟରେ ଭାବିବାକୁ ସୁଦ୍ଧା ଇଚ୍ଛା କରନ୍ତି ନାହିଁ । ଏହି ସଂଘର୍ଷକୁ କିପରି ନିୟନ୍ତ୍ରଣ କରିବାକୁ ହେବ ବୋଲି ସେ ମୋତେ ପଚାରିଥିଲେ ।

ହୁଏତ ଆପଣମାନଙ୍କ ମଧ୍ୟରୁ କେତେ ଜଣ ସେହିପରି ଅନୁଭବ କରୁଥିବେ । ଏହା ଏକ ଫାନ୍ଦ ଓ ସେ ଏହା ଭିତରେ ରହିବା ଉଚିତ୍ ନୁହେଁ ବୋଲି ମୁଁ ତାଙ୍କୁ କହିଲି । ଏହା ଭିତରୁ ବାହାରିବାର ଏକମାତ୍ର ଉପାୟ ହେଉଛି, ଗୋଟିଏ ଉଦ୍ଦେଶ୍ୟମୂଳକ ମନୋଭାବ – ଚାଲୁଥିବା, ବିଶ୍ୱସ୍ତ ରହିବା ଓ ଯାହା ଅନୁଭବ ଆସିଲେ ମଧ୍ୟ ଅଗ୍ରସର ହେଉଥିବା । ବେଳେବେଳେ, ଆପଣ ଉଦ୍ଦେଶ୍ୟମୂଳକ ଭାବରେ କାର୍ଯ୍ୟ କରିବା ଆବଶ୍ୟକ ହେବ – ଆପଣ ଏହିପରି ଅନୁଭବ କରୁଥିବାରୁ ନୁହେଁ, ମାତ୍ର ଏହା ଆବଶ୍ୟକ ଥିବାରୁ । ବେଳେବେଳେ ଆମକୁ ଏପରି ମନେ ହୋଇପାରେ ଯେପରି ଆମେ କେବଳ ଛଳନା କରୁଅଛୁ, ମାତ୍ର ବାସ୍ତବରେ, ଆମେ ଅଭ୍ୟାସ କରୁଥାଉ । ସଫଳତି ପାଇଁ ଶୃଙ୍ଖଳା ଆବଶ୍ୟକ ହୁଏ ଓ ଶୃଙ୍ଖଳା ଉଦ୍ଦେଶ୍ୟମୂଳକ ହେବା ଆବଶ୍ୟକ, ନଚେତ୍, ଆମେ ଲକ୍ଷ୍ୟ ହରାଇ ଦେବା । ସେଥିପାଇଁ ବାଇବଲ ଆମକୁ ଏହି ଶିକ୍ଷା ଦେଉଛି ଯେ ଆମେ ଯାହା କିଛି ଆରମ୍ଭ କରୁ, ତାହାକୁ ସଂପୂର୍ଣ୍ଣ ମଧ୍ୟ କରିବାକୁ ହେବ – କାରଣ କେବଳ ସେତେବେଳେ ଆମେ ଆମ ପ୍ରଚେଷ୍ଟା ପାଇଁ ପୁରସ୍କାର ପାଇପାରିବା । "ତୁମ୍ଭେମାନେ ଯେପରି ଆପଣମାନଙ୍କର କୃତକର୍ମର ଫଳ ନ ହରାଇ ବରଂ, ସେଥିର ପୂର୍ଣ୍ଣ ପୁରସ୍କାର ପ୍ରାପ୍ତ ହୁଅ, ସେଥି ନିମନ୍ତେ ଆପଣା ଆପଣା ବିଷୟରେ ସାବଧାନ ହୁଅ" (୨ ଯୋହନ ୧:୮) ।

ପ୍ରଭୁ ଆମକୁ ବିଶ୍ୱସ୍ତ ଭାବରେ ଦୌଡ଼ିବା ନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ । ସେ ଆମକୁ ସେହି କାର୍ଯ୍ୟ ସଂପୂର୍ଣ୍ଣ

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)


### ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ "ଆହ୍ୱାନର ପ୍ରତିଧ୍ୱନି" ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।


### କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – 80 - G ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । Echo of His Call Educational Trust କୁ ଦେଉଥିବା ଦାନ ପାଇଁ Demand Draft, Cheque କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | |
|---|---|
| **Account Name** | **: ECHO OF HIS CALL EDUCATIONAL TRUST** |
| **Account Number** | **: 1023 2923 805** |
| **Bank Name** | **: STATE BANK OF INDIA** |
| **Branch** | **: TRIPLICANE, CHENNAI - 600 005** |
| **IFSC Code** | **: SBIN 0000249** |
| **SWIFT Code** | **: SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ଈଶ୍ୱର ଦୁର୍ବଳମାନଙ୍କ ପ୍ରାର୍ଥନାର ଉତ୍ତର ଦିଅନ୍ତି !



୧୦.୮.୧୯୬୯ ଠାରୁ, ମୁଁ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ସେବକୀୟ ତାଲିମ, ପତ୍ରିକା ବଣ୍ଟନ, ପ୍ରାର୍ଥନା ସଭାଗୁଡ଼ିକର ପରିଚାଳନା ଓ ମଣ୍ଡଳୀଗୁଡ଼ିକରେ ବାକ୍ୟ ପ୍ରଚାର ସହିତ ମୋର ସୁସମାଚାର ସେବାକାର୍ଯ୍ୟ ଆରମ୍ଭ କରିଥିଲି ।

କେହି ମୋତେ ଈଶ୍ୱରଙ୍କର ସେବକ ଭାବରେ ଚିହ୍ନି ନ ଥିଲେ, କାରଣ ମୁଁ ଯୁବକ ଥିଲି ଓ ସେହି କ୍ଷେତ୍ର ପାଇଁ ନୂଆ ଥିଲି । ଅଧିକନ୍ତୁ, ସେବାକାର୍ଯ୍ୟକୁ ଅବ୍ୟାହତ ରଖିବା ପାଇଁ, ଅର୍ଥ ମୋ' ନିମନ୍ତେ ଏକ ବଡ଼ ପ୍ରତିବନ୍ଧକ ଥିଲା । ଏହା ଫଳରେ, ମୋତେ ପ୍ରତିଦିନ ଅନେକ ମାଇଲ ବାଟ ଚାଲିବାକୁ ଓ ମୋର ସେବାକାର୍ଯ୍ୟକୁ ଅବ୍ୟାହତ ରଖିବାକୁ ପଡ଼ିଥିଲା । ଏହିପରି ଭାବରେ, ଦୀର୍ଘ ଯାତ୍ରା ଓ କ୍ଷୁଧା ମୋ' ସେବାକାର୍ଯ୍ୟର ଏକ ଅଂଶ ବିଶେଷ ଥିଲା । ସେବାକାର୍ଯ୍ୟ ପରିଚାଳନା କରିବା ପାଇଁ ଓ ସେବାକାର୍ଯ୍ୟ ନିମନ୍ତେ ଉପକରଣ କିଣିବା ପାଇଁ ବହୁପରିମାଣ ଅର୍ଥର ଆବଶ୍ୟକତା ଥିଲା ।


ମୋର ସେବାକାର୍ଯ୍ୟର ଆରମ୍ଭରୁ, ମୋର କୌଣସି ବନ୍ଧୁ ଓ ଆତ୍ମୀୟଙ୍କଠାରୁ କୌଣସି ପ୍ରକାର ସାହାଯ୍ୟ ନ ମାଗିବା ପାଇଁ ମୋର ଗୋଟିଏ ଦୃଢ଼ ସଂକଳ୍ପ ଥିଲା । କାରଣ ଈଶ୍ୱର ମୋତେ ଆହ୍ୱାନ କରିଥିବାରୁ, ତାଙ୍କ କାର୍ଯ୍ୟ ପାଇଁ ଅର୍ଥ ଯୋଗାଇବେ ବୋଲି ମୋର ବିଶ୍ୱାସ ଥିଲା । ଈଶ୍ୱର ଆଜି ପର୍ଯ୍ୟନ୍ତ ଏହି ନିୟମରେ ଅଟଳ ରହିବାରେ ମୋତେ ସାହାଯ୍ୟ କରିଛନ୍ତି । ଏହି ନିୟମକୁ ପାଳନ କରୁଥିବା ସମୟରେ, ମୋତେ ଅବର୍ଣ୍ଣନୀୟ କଷ୍ଟ ଓ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି ।



ମୁଁ ଗୋଟିଏ ନିର୍ଦ୍ଦିଷ୍ଟ ପରିସ୍ଥିତିରେ, ଶାରୀରିକ ଓ ମାନସିକ ଭାବରେ ଏତେ ଦୂର ପ୍ରଭାବିତ ହୋଇଥିଲି ଯେ ନିଜକୁ ବ୍ୟବସ୍ଥିତ କରିବା ପାଇଁ ସମର୍ଥ ହୋଇ ନ ଥିଲି । ସ୍ୱର୍ଣ୍ଣରାଜ ନାମକ ମୋର ଜଣେ ଆତ୍ମୀୟ ପରିବହନ ବିଭାଗରେ ମୋତେ ଗୋଟିଏ ସରକାରୀ ଚାକିରୀ ଦେବା ପାଇଁ ଚେଷ୍ଟା କରିଥିଲେ, ପାଲାପାଲ୍ଲାମ ସ୍ଥିତ ଭାଇ କଲିନସ ନାମକ ଈଶ୍ୱରଙ୍କର ଜଣେ ଦାସ ଓ ମୋର ଜଣେ ବନ୍ଧୁ ମୋ' ପାଇଁ ଏକ ବେସରକାରୀ ଫାର୍ମରେ ଗୋଟିଏ ଚାକିରୀ ନିମନ୍ତେ ଚେଷ୍ଟା କରିଥିଲେ । ସେମାନଙ୍କ ଉଭୟଙ୍କର ଚେଷ୍ଟା ବୃଥା ହୋଇଥିଲା ।

ଏପରି ଏକ ପରିସ୍ଥିତିରେ, ଯେତେବେଳେ ୧୭.୬.୧୯୭୧ରେ, ମୁଁ ଉପବାସ କରିଥିଲି, ସେତେବେଳେ ପ୍ରଭୁଙ୍କର ଆତ୍ମା ଏକ ସ୍ଥାୟୀ ଚାକିରୀ ନିମନ୍ତେ ପ୍ରାର୍ଥନା କରିବା ପାଇଁ ମୋତେ ବଳପୂର୍ବକ ଭାବରେ ଚାଳନା ଦେଉଥିଲେ । ଏହି ପ୍ରାର୍ଥନା ଫଳରେ, ମୁଁ ଏହି ବାକ୍ୟ ସହିତ ଏକ ଦୃଢ଼ ବିଶ୍ୱାସ ପାଇଥିଲି, "ଗୋଟିଏ ମାସ ଭିତରେ, ମୁଁ ତୁମକୁ ଗୋଟିଏ ସ୍ଥାୟୀ ଚାକିରୀ ଦେବି ଓ ତୁମେ ସେଥିରେ ଜୀବିକା ଅର୍ଜ୍ଜନ କରିପାରିବ ।" ଧର୍ମଶାସ୍ତ୍ରରେ ଲେଖାଅଛି, "ପୁଣି ଆମ୍ଭେମାନେ ଯେବେ ତାହାଙ୍କ ଇଚ୍ଛାନୁସାରେ କୌଣସି ପ୍ରାର୍ଥନା କରୁ, ତେବେ ସେ ଆମ୍ଭମାନଙ୍କର ସେହି ପ୍ରାର୍ଥନା ଶୁଣନ୍ତି, ତାହାଙ୍କ ଛାମୁରେ ଆମ୍ଭମାନଙ୍କର ଏହି ସାହସ ଅଛି । ଆଉ ଆମ୍ଭେମାନେ ତାହାଙ୍କ ନିକଟରେ ଯାହା କିଛି ପ୍ରାର୍ଥନା କରୁ, ତାହା ସେ ଶୁଣନ୍ତି ବୋଲି ଯଦି ଆମ୍ଭେମାନେ ଜାଣୁ, ତେବେ ତାହାଙ୍କ ଛାମୁରେ ଯାହା ପ୍ରାର୍ଥନା କରିଅଛୁ, ସେହିସବୁ ଯେ ପାଇଅଛୁ, ଏହା ମଧ୍ୟ ଜାଣୁ" (୧ ଯୋହନ ୫:୧୪,୧୫) । ମୁଁ ମୋର ନୂତନ ଚାକିରୀ ପାଇ ସାରିଛି ବୋଲି ବିଶ୍ୱାସ କରି, ସେଥିରେ ଯୋଗ ଦେବା ପାଇଁ, ମୁଁ ଯଥା ସମ୍ଭବ ପ୍ରସ୍ତୁତି କଲି । ଯେଉଁମାନେ ମୋର କାର୍ଯ୍ୟକଳାପ ଦେଖିଲେ, ସେମାନେ ମୋର ମାନସିକ ଅବସ୍ଥା ବିଷୟରେ ସନ୍ଦେହ କରିଥିଲେ । ମାତ୍ର ସେମାନଙ୍କ କଥାରେ ମନଯୋଗୀ ନ ହୋଇ, ମୁଁ ଈଶ୍ୱରଙ୍କୁ ସଂପୂର୍ଣ୍ଣ ଭାବରେ ବିଶ୍ୱାସ କରିଥିଲି ।

ଦିନ ପରେ ଦିନ ଅତିକ୍ରାନ୍ତ ହେବାରେ ଲାଗିଲା, ମୁଁ ପ୍ରତିଦିନ ପୋଷ୍ଟ ମ୍ୟାନ୍‌କୁ ଆଗ୍ରହର ସହିତ ଅପେକ୍ଷା କରୁଥିଲି । ସଂପୂର୍ଣ୍ଣ ଗୋଟିଏ ମାସ ପରେ, ଠିକ୍





୧୮.୭.୧୯୭୧ରେ, ମୁଁ ପ୍ରଭୁଙ୍କ ଉପରେ ବିଶ୍ୱାସ କରି ପୋଷ୍ଟ ଅଫିସକୁ ଗଲି । ପୋଷ୍ଟ ମ୍ୟାନ ଶ୍ରୀଯୁକ୍ତ ନେଲ୍ଲାଇଆପ୍ପନ୍ ମୋତେ ଦେଖିବା ମାତ୍ରେ ଏହି ସଙ୍କେତ ଦେଲେ ଯେ ମୋ' ପାଇଁ କିଛି ଚିଠି ଆସି ନାହିଁ । ତଥାପି ମୁଁ ଈଶ୍ୱରଙ୍କ ପ୍ରତିଜ୍ଞାକୁ ଦୃଢ଼ ଭାବେ ଧରି ରଖି, ସେଠାରେ ବସି ରହି ପ୍ରାର୍ଥନା କରିବାରେ ଲାଗି । ମୁଁ ଆଶ୍ଚର୍ଯ୍ୟ ହେଲି ଯେ ସେହି ପୋଷ୍ଟ ମ୍ୟାନ କିଛି ସମୟ ପରେ ଆସି ମୋତେ କହିଲେ, "ସାମ୍, ତୁମ ପାଇଁ ଗୋଟିଏ ରେଜିଷ୍ଟର୍ଡ ଚିଠି ଆସିଛି, ଦସ୍ତଖତ କର ଓ ଏହାକୁ ନେଇଯାଅ ।"





୧୯୯୪ରେ, ମୋର ସରକାରୀ ଚାକିରୀ ଛାଡ଼ିବା ସମୟରେ କାରଖାନାଗୁଡ଼ିକର ମୁଖ୍ୟ ପରିଦର୍ଶକ, ଶ୍ରୀଯୁକ୍ତ ଏ.ସେନ୍‌ବାଗାମ୍ ଓ ମୋର ସହକର୍ମୀମାନେ ମୋତେ ବିଦାୟ ଜଣାଉଛନ୍ତି ।



୧୯୯୪ରେ, ଯେତେବେଳେ ମୁଁ ମୋର ସରକାରୀ ଚାକିରୀ ଛାଡ଼ିଲି ମୋର ସହକର୍ମୀମାନେ ।

ଚିଠିଟି ଖୋଲିବା ପରେ, ମୁଁ ଏହା ଜାଣି ପାରିଲି ଯେ ଏହା ଶ୍ରମ ବିଭାଗରେ ଯୋଗ ଦେବା ପାଇଁ ତାମିଲନାଡୁ ଲୋକ ସେବା ଆୟୋଗ କାର୍ଯ୍ୟାଳୟ (ଚେନ୍ନାଇ)ରୁ ଆସିଥିବା ଏକ ନିଯୁକ୍ତି ପତ୍ର ଥିଲା । ଏହା, ମୁଁ କିଛି ବର୍ଷ ତଳେ ଦେଇଥିବା ଏକ ଲିଖିତ ପରୀକ୍ଷାର ଫଳ ଥିଲା । ଏହା ମୋର ଉତ୍ସାହପୂର୍ଣ୍ଣ ପ୍ରାର୍ଥନା ଦ୍ୱାରା ସୃଷ୍ଟି ହୋଇଥିଲା ଓ ଏକ ଆଶ୍ଚର୍ଯ୍ୟ କର୍ମ ଘଟିଥିଲା ହିଁ, ପ୍ରାର୍ଥନା ଏକ ଆଶ୍ଚର୍ଯ୍ୟଜନକ ଆତ୍ମିକ ଅସ୍ତ୍ର ଅଟେ ।

ମୁଁ ଖୁସିରେ ଚେନ୍ନାଇ ଆସି ଚାକିରୀରେ ଯୋଗ ଦେଇଥିଲି । ଚାକିରୀରୁ ମିଳୁଥିବା ଦରମାର ମୁଖ୍ୟ ଭାଗ ମୋର ସେବାକାର୍ଯ୍ୟ ପାଇଁ ଖର୍ଚ୍ଚ ହେଉଥିଲା । ଈଶ୍ୱରଙ୍କ ଅନୁଗ୍ରହ ଓ ଲୋକମାନଙ୍କର ଦୟା ଯୋଗୁ, ସରକାର ମୋତେ ସରକାରୀ ଚାକିରୀ ସହିତ ମୋର ସେବାକାର୍ଯ୍ୟ ଅବ୍ୟାହତ ରଖିବା ପାଇଁ ଏକ ସ୍ୱତନ୍ତ୍ର ଅନୁମତି ଦେଇଥିଲେ । ପରେ, ୧୯୯୪ରେ, ସଂପୂର୍ଣ୍ଣ ସମୟ ସେବାକାର୍ଯ୍ୟ ନିମନ୍ତେ ସରକାରୀ ଚାକିରୀ ଛାଡ଼ିବା ପାଇଁ, ପ୍ରଭୁ ମୋତେ ଆଦେଶ ଦେଇଥିଲେ ଓ ମୁଁ ତାଙ୍କ ଆହ୍ୱାନର ବାଧ୍ୟ ହୋଇ ସଂପୂର୍ଣ୍ଣ ସମୟ ସେବାକାର୍ଯ୍ୟରେ ପ୍ରବେଶ କରିଥିଲି ।

ଆମର ଈଶ୍ୱର ଉତ୍ତମ ଅଟନ୍ତି ! ସେ ଠିକ୍ ସମୟରେ କାର୍ଯ୍ୟ କରନ୍ତି ! ତାଙ୍କୁ ଦୃଢ଼ ଭାବରେ ଧରି ରଖନ୍ତୁ । ଆପଣ ସଫଳତା ପାଇବେ !! ସେ ଆଜି ମନୋଯୋଗ ସହିତ ଆପଣଙ୍କ ଉପରେ ଦୃଷ୍ଟି ରଖିଛନ୍ତି ।

''ଯାହାର ମନ ତୁମ୍ଭଠାରେ ସ୍ଥିର ଥାଏ, ତାହାକୁ ତୁମ୍ଭେ ସଂପୂର୍ଣ୍ଣ ଶାନ୍ତିରେ ରଖିବ, କାରଣ ସେ ତୁମ୍ଭଠାରେ ନିର୍ଭର କରେ'' (ଯିଶାଇୟ ୨୬:୩) ।

*************

(୧୮ ପୃଷ୍ଠାର ଅବଶିଷ୍ଟାଂଶ)

କରିବା ପାଇଁ ସାମର୍ଥ୍ୟ ଦେବେ, ଯାହା କରିବା ପାଇଁ ସେ ଆମକୁ ଆହ୍ୱାନ କରିଛନ୍ତି, ସେପରିକି ଆମେ ତୂରୀଧ୍ୱନି ସହିତ ତାଙ୍କ ପ୍ରତ୍ୟାବର୍ତ୍ତନ ସମୟରେ ଆମର ପୁରସ୍କାର ପ୍ରାପ୍ତ ହେବୁ ।

## ୭. ଈଶ୍ୱରଙ୍କ ବାକ୍ୟକୁ ବିରୋଧ କରୁଥିବା ଲୋକମାନଙ୍କ ବିରୁଦ୍ଧରେ ଜାଗ୍ରତ ହୁଅନ୍ତୁ ।

ଶେଷରେ, ଧର୍ମଶାସ୍ତ୍ର ଆମକୁ ଈଶ୍ୱରଙ୍କ ବାକ୍ୟକୁ ପ୍ରତିରୋଧ କରୁଥିବା ଲୋକମାନଙ୍କ ବିରୁଦ୍ଧରେ ନିଜ ନିଜକୁ ସତର୍କ ରଖିବା ପାଇଁ ଶିକ୍ଷା ଦେଉଛି । ପାଉଲ ତୀମଥିଙ୍କୁ ସତର୍କ କରିଛନ୍ତି, ''ତୁମ୍ଭେ ମଧ୍ୟ ତାହାଠାରୁ ସାବଧାନ ଥାଅ, କାରଣ ସେ ଆମ୍ଭମାନଙ୍କ ବାକ୍ୟର ଘୋର ପ୍ରତିରୋଧ କରିଥିଲା'' - ୨ ତୀମଥି ୪:୧୫ ।

ପ୍ରାୟତଃ, ବାଇବଲ ଆମକୁ ସମସ୍ତଙ୍କୁ ପ୍ରେମ କରିବା ପାଇଁ ଓ ଧୈର୍ଯ୍ୟଶୀଳ ହେବା ପାଇଁ ଶିକ୍ଷା ଦେଇଥାଏ, ଯଥା - ''ସମ୍ଭବ ହେଲେ, ତୁମ୍ଭର ଯେତେ ପର୍ଯ୍ୟନ୍ତ ସାଧ୍ୟ, ସମସ୍ତ ଲୋକଙ୍କ ସହିତ ଶାନ୍ତିରେ ରୁହ'' (ରୋମୀୟ ୧୨:୧୮) । ତଥାପି ଆମେ ଉଭୟ ମଣ୍ଡଳୀରେ ଓ ସମାଜରେ ଖ୍ରୀଷ୍ଟଙ୍କ ଶରୀରର ଏକତାକୁ ନଷ୍ଟ କରୁଥିବା ଲୋକମାନଙ୍କ ପ୍ରତି ସହିଷ୍ଣୁତା ଶେଷ କରି ପାରିବା । ମାତ୍ର, ଏଠାରେ, ପାଉଲ କିପରି ବାକ୍ୟର ବିରୁଦ୍ଧରେ ଓ ଈଶ୍ୱରଙ୍କ କାର୍ଯ୍ୟର ବିରୁଦ୍ଧରେ ରହିଥିବା ଯେ କୌଣସି ବ୍ୟକ୍ତିଙ୍କୁ ଦୃଢ଼ ଭାବରେ ଚେତନା ଦେଉଛନ୍ତି, ତାହା ଆମେ ଦେଖୁଛୁ ।

ସେ ଆମକୁ ଭ୍ରାନ୍ତ ଶିକ୍ଷା ବିରୁଦ୍ଧରେ ସାବଧାନ, ସତର୍କ ଓ ଜାଗ୍ରତ ରହିବା ପାଇଁ ମଧ୍ୟ କହିଛନ୍ତି । ଏହି ଶେଷ ଦିନ ଗୁଡ଼ିକରେ, ବାଇବଲ ଯେପରି ଆମକୁ ସତର୍କ କରି ଦେଉଛି, ସେହିପରି ଅନେକ ଶିକ୍ଷା ସତ୍ୟକୁ ଘୋଷଣା କରିବା ପରିବର୍ତ୍ତେ, ଲୋକମାନଙ୍କର ମନ ଓ ଇଚ୍ଛାକୁ ସନ୍ତୁଷ୍ଟ କରିବା ପାଇଁ ପ୍ରଚାର କରାଯାଉଛି । ପ୍ରଚାରକ ମାନେ ଭାବେ ସେମାନଙ୍କ ମଣ୍ଡଳୀକୁ ''ଅପମାନିତ କରି ଦେବେ'' - ଏହି ଭୟରେ ସତ୍ୟ କହିବା ଏଡ଼ାଇ ଦେଉଛନ୍ତି । ଏହା ଫଳରେ, ପ୍ରତ୍ୟେକ ସ୍ତରରେ ଦୁର୍ନୀତି ଦେଖାଯାଉଅଛି ।

ମୁଁ ପିତରଙ୍କର ସାହସିକତା ପ୍ରତି ଆଶ୍ଚର୍ଯ୍ୟାନ୍ୱିତ ହୁଏ । ସେ ଘୋଷଣା କରିଥିଲେ, ''ମନୁଷ୍ୟମାନଙ୍କ ଆଜ୍ଞା ଅପେକ୍ଷା ବରଂ ଈଶ୍ୱରଙ୍କ ଆଜ୍ଞା ପାଳନ କରିବା କର୍ତ୍ତବ୍ୟ'' (ପ୍ରେରିତ ୫:୨୯) । ପ୍ରଶ୍ନ ହେଉଛି : ଆଜି କେତେ ଜଣ ବିଶ୍ୱାସୀ ଓ ନେତା ଏହିପରି ଏକ ମନ୍ତବ୍ୟ ଦେବା ପାଇଁ ଇଚ୍ଛା କରୁଛନ୍ତି ? ସମସ୍ତ ଅସୁବିଧା ବିରୁଦ୍ଧରେ ଠିଆ ହେବା ପାଇଁ ଆମର ସାହସ ଅଛି କି ? ଆମେ କ'ଣ ସାହସର ସହିତ କହିପାରିବା, ''ମୁଁ ଏହି ବ୍ୟକ୍ତିଙ୍କୁ ଗ୍ରହଣ କରିବି ନାହିଁ କିମ୍ବା ଏହି ନିଷ୍ପତ୍ତି ନେଇପାରିବି ନାହିଁ କାରଣ ଏହା ଈଶ୍ୱରଙ୍କ ବାକ୍ୟର ବିରୁଦ୍ଧରେ ଅଛି ?''

ଏହି ବିଷୟର ପରିପ୍ରେକ୍ଷୀରେ ହିଁ ଈଶ୍ୱର ଆମକୁ ଏହି ଶେଷ ଦିନ ଗୁଡ଼ିକରେ ନିଜ ନିଜକୁ ସତର୍କ ରହିବାକୁ ଆହ୍ୱାନ କରିଛନ୍ତି ।

ପ୍ରିୟ ବନ୍ଧୁଗଣ, ଆମେ ସେହି ସାତଟି କ୍ଷେତ୍ର ଉପରେ ଅନୁଚିନ୍ତା କରିଅଛୁ ଯେଉଁଠାରେ ବାଇବଲ ଆମକୁ ଆମ ଜୀବନକୁ ଜଗି ରହିବା ପାଇଁ ଶିକ୍ଷା ଦେଉଛି । ମୋର ପ୍ରାର୍ଥନା ଏହା ଅଟେ - ଈଶ୍ୱର ଯେପରି ଆମ ନିଜ ନିଜକୁ ସୁରକ୍ଷିତ ରଖିବା ପାଇଁ ଓ ତାଙ୍କ ବାକ୍ୟ ଉପରେ ଦୃଢ଼ ଭାବରେ ଦଣ୍ଡାୟମାନ ହେବା ପାଇଁ ଆମକୁ ଜ୍ଞାନ ଓ ସାହସ ଦେବେ - କାରଣ ତାଙ୍କର ଆଗମନ ଅତି ସନ୍ନିକଟ ଅଟେ ।

*************

**ବିଜ୍ଞାପନ**

ଆପଣମାନଙ୍କର ମୋବାଇଲ ଫୋନ୍‌ରେ ଆମର ମୋବାଇଲ ନମ୍ବରଗୁଡ଼ିକୁ
(୯୧-୯୮୪୧୦୬୧୮୫୮),
(୯୧-୯୮୪୧୨୬୧୮୫୮)
(ମୁଖ୍ୟ ନମ୍ବର) - ସଂରକ୍ଷିତ ରଖନ୍ତୁ ।

ସମ୍ପାଦକ

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**

Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ ''ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**
*****
E.mail : sam@echoofhiscall.org

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ - ଟ. ୧୦୦/- ଆଜୀବନ ସଭ୍ୟଚାନ୍ଦା - ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS Patrika Channel"**
**on 18th OCTOBER 2025.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**